## ୪ ଗୋରୁ ଉପରେ ଚଢ଼ିଗଲା ଟ୍ରକ୍

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଡଙ୍ଗାପାଣି ଗ୍ରାମ ନିକଟରେ ଗୋରୁ ପଲଙ୍କ ଉପରେ ଏକ ଲାଇନ ଟ୍ରକ୍ ଚଢ଼ିଯିବାରୁ ୪ ଗୋରୁଙ୍କ ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ପହଞ୍ଚି ମୃତ ଗୋରୁଙ୍କୁ ଉଦ୍ଧାର କରି ମେଶିନ ସହାୟତାରେ ପୋତି ଦେଇଥିବା ଜଣାପଡିଛି । ଦୈନିକ ଶହ ଶହ ଗୋରୁଙ୍କୁ ଚଲାଇ ଚଲାଇ ଜିଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ ହେଁ ଧରପଗଡ଼ ହେଉନାହିଁ। ପଶୁ ନିର୍ଯାତନା ଆଇନ ବଳରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

### ଆଜି କ'ଣ କେଉଁଠି

ରାଇରଙ୍ଗପୁର
- କୁଡୁମୀ ସେନାର ୧୦ମ ପ୍ରତିଷ୍ଠା ଦିବସ ପାଳନ ସହ ଜନସମାବେଶ, ସ୍ଥାନ: ପୁରୁଣାପାଣି ଗ୍ରାମ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ପଳାଶପଙ୍ଗା ଲ୍ୟାମ୍ପ ନିର୍ବାଚନ ପାଇଁ ନାମାଙ୍କନ
## ୯ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ

କେନ୍ଦୁଝର, ୨।୬ (ସ୍ୱ.ପ୍ର.) ସମବାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଗୁରୁବାର ସଦର ବ୍ଲକ ପଳାଶପଙ୍ଗା ଲ୍ୟାମ୍ପ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛି। ୧୫ ଜୋନକୁ ନେଇ ଗଠିତ ଏହି ଲ୍ୟାମ୍ପ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ମଞ୍ଜୁଲତା ମୁଣ୍ଡାରୀ ପରିଚାଳନା କରିଥିଲେ। ସେଥିରୁ ୯ ଟି ଜୋନର ପ୍ରାର୍ଥୀନୀ/ପ୍ରାର୍ଥୀ ଯଥା କୁନି ଦେହୁରୀ, ଭୀମସେନ ଟୁଡୁ, ଲମ୍ବୋଧର ନାଏକ, ମମତା ଦେହୁରୀ, ଅରୁଣ କୁମାର ନାଏକ, ହେମଲତା ଦେହୁରୀ, ଜଗଦିଶ କୁମାର ରାଉତ, ପୂର୍ଣଚନ୍ଦ୍ର ମହାନ୍ତ, ରବୀନ୍ଦ୍ର ନାଏକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୬ ଟି ଜୋନରେ ପ୍ରତିଦ୍ୱନ୍ଦ୍ୱୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ବାଚନ ହେବ ବୋଲି ସୂଚନା ମିଳିଛି ।

## ମୟୂରଭଞ୍ଜର ଶୁଭଶ୍ରୀ ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟା

ବାରିପଦା ଅଫିସ,୨।୬-ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଭାବେ ମୟୂରଭଞ୍ଜ ଛଉନୃତ୍ୟ ଶିଳ୍ପୀ ତଥା ସଙ୍ଗଠିକା ଶୁଭଶ୍ରୀ ମୁଖାର୍ଜୀଙ୍କୁ ରାଜ୍ୟ ସକରାର ମନୋନୀତ କରିଛନ୍ତି। ଏ ନେଇ ରାଜ୍ୟପାଳଙ୍କ ଆଦେଶ କ୍ରମେ ଚିଠି (ନଂ ୪୧୧୭/୨୬) ମେ' ୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସଙ୍କ ଅବଗତ କରାଯାଇଛି । ସେ ତିନି ବର୍ଷ ପର୍ଯ୍ୟନ୍ତ ଏକାଡେମୀର ସଦସ୍ୟା ଭାବେ ରହି କାର୍ଯ୍ୟ ସମ୍ପାଦନ କରିବେ ।

## ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି

ଖଇରା, ୨।୬(ଡି.ଏନ.ଏ.)-ଖଇରା ବ୍ଲକ ଦର୍ଶନ ପ୍ରସାଦ ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ପ୍ରତିଷ୍ଠା ଦିବସ ଆସନ୍ତା ୧୫ ତାରିଖ ରଜ ସଂକ୍ରାନ୍ତିରେ ପାଳିତ ହେବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ମାୟାଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ସୁଧାଂଶୁ ଶେଖର ବେହେରା ସମ୍ମାନୀତ କରିବାକୁ ନିଷ୍ପତ୍ତି ନିଆଯାଇଛି । ପୁରାତନ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବାକୁ ସଭାପତି ନିବେଦନ କରିଛନ୍ତି । ଛାତ୍ର ସଂସଦ ସମ୍ପାଦକ ବିଶ୍ୱନାଥ ପୃଷ୍ଟି, ପୂର୍ବତନ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ପଣ୍ଡା, ବର୍ତ୍ତମାନର ପ୍ରଧାନ ଶିକ୍ଷକ ମାୟାଧର ସାହୁ, ସୁରେନ୍ଦ୍ର ରାଉତ, ରଧାରଞ୍ଜନ ଦାସ, ଅର୍ଜୁନ ଚରଣ ମଣ୍ଡଳ, ନନ୍ଦକିଶୋର ପୃଷ୍ଟି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

# ଗାଁ କଙ୍ଗାରୁ କୋର୍ଟରେ ୱାର୍ଡ଼ସଭ୍ୟାଙ୍କୁ ସାମାଜିକ ବାସନ୍ଦ

ରୂପସା, ୨।୬(ଡି.ଏନ.ଏ.)

ଆଦିବାସୀ ବର୍ଗ ପାଇଁ ସରକାର କୋଟା ବା ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ରାଜନୀତିଠାରୁ ଅଧ୍ୟୟନ, ଚାକିରି କ୍ଷେତ୍ରରେ ସବୁଠି ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏବେ ବି ଗଣତନ୍ତ୍ର ସମାଜରେ ଜୁଲମ ଚାଲିଛି। ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ସାମାଜିକ ବାସନ୍ଦ କରାଯାଇ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ କରି ରଖାଯିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବରୁଣଗଡ଼ିଆ ପଞ୍ଚାୟତରେ। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି।

ଏହି ପଞ୍ଚାୟତର ୨୦ନମ୍ବର ୱାର୍ଡ଼ରେ ଅବସ୍ଥିତ ଗୋହିରାଗଡ଼ିଆ ଗ୍ରାମ। ଗତ ପଞ୍ଚାୟତ ନିର୍ବାଚନରେ ଏହି ୱାର୍ଡ଼ର ସଭ୍ୟ ପଦ ଜଣେ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ ରହିଥିଲା। ଏହି ୱାର୍ଡ଼ରେ ଏକମାତ୍ର ଆଦିବାସୀ ପରିବାର ରହୁଥିଲେ। ସରକାରଙ୍କ ଏହି ସଂରକ୍ଷଣକୁ ବିରୋଧ କରି ଗ୍ରାମରେ ବସିଥିଲା ପ୍ରଜାକୋର୍ଟ। ପ୍ରଜାକୋର୍ଟରେ ଗାଁ ମୁଖିଆଙ୍କ ନିଷ୍ପତ୍ତିକ୍ରମେ ଏହି ଆଦିବାସୀ ପରିବାରକୁ ଡକାଯାଇ ନିର୍ବାଚନରେ ପ୍ରାର୍ଥୀ ହେବାକୁ ମନା କରାଯାଇଥିଲା। ନିର୍ବାଚନରେ ଭାଗ ନେଲେ ଗ୍ରାମରୁ ବାହାର କରିଦିଆଯିବ ବୋଲି ଧମକ ଦିଆଯାଇଥିଲା। କୌଣସି ଗ୍ରାମବାସୀ ଯଦି ତାଙ୍କୁ ନିର୍ବାଚନରେ ସହଯୋଗ କରନ୍ତି ତାଙ୍କୁ ମଧ ବାସନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହି ୱାର୍ଡ଼ର ଦୁଇ ପରିବାର ଉକ୍ତ ଆଦିବାସୀ ପରିବାରକୁ ସମର୍ଥନ କରି ତାଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିଥିଲେ। ଏହି ୱାର୍ଡ଼ରୁ ଗିରଥ ସୋରେନ ନିର୍ଦ୍ୱନ୍ଦ୍ୱରେ ୱାର୍ଡ଼ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ

### ସମର୍ଥନ କଲେ ୫ ହଜାର ଜରିମାନା

ଘୋଷଣା କରିଥିଲେ। ନିର୍ବାଚନ ଫଳାଫଳ ଘୋଷଣା ପରେ ଗ୍ରାମରେ ପୁଣି କଙ୍ଗାରୁ କୋର୍ଟ ବସିଥିଲା। ନିଷ୍ପତ୍ତି ଅନୁଯାୟୀ ୱାର୍ଡ଼ସଭ୍ୟା ଗିରଥ ସୋରେନଙ୍କ ସମେତ ତାଙ୍କୁ ସମର୍ଥନ କରିଥିବା ପରିବାରକୁ ଗ୍ରାମରୁ ସାମାଜିକ ବାସନ୍ଦ କରାଯାଇଥିଲା। ଏମିତିକି ଗ୍ରାମରେ ଥିବା ଶିବମନ୍ଦିରଠାରୁ ସର୍ବସାଧାରଣ ରାସ୍ତା ସବୁଥିରେ ପ୍ରତିବନ୍ଧକ ଲଗାଯାଇଥିଲା। ଏମାନଙ୍କ ସହିତ ଗ୍ରାମରୁ ଯିଏ ମିଶିବ ତାଙ୍କୁ ୫ହଜାର ଟଙ୍କା ଜରିମାନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗିରଥ ସୋରେନଙ୍କୁ ସହଯୋଗ କରିଥିବା ଜଣେ ବ୍ୟକ୍ତିଙ୍କ ବାଇକରେ ବସି ଆସିଥିବା ଏହି ଗ୍ରାମର ଜଣେ ବିଧବାଙ୍କୁ କଙ୍ଗାରୁ କୋର୍ଟ କରି ଅଶାଳୀନ ଭାଷାରେ ଗାଳିଗୁଲଜ ସହିତ ତାଙ୍କ ନିକଟରୁ ଜରିମାନା ଆଦାୟ ହୋଇଥିବା ଅଭିଯୋଗ ହୋଇଛି। କଙ୍ଗାରୁକୋର୍ଟ ନିଷ୍ପତ୍ତି ଅନୁଯାୟୀ ନିଜ ୱାର୍ଡ଼ସଭ୍ୟାଙ୍କୁ ବାଦ୍ ଦେଇ ୧୨ ନମ୍ବର ୱାର୍ଡ଼ସଭ୍ୟାଙ୍କ ଦସ୍ତଖତରେ ଅଙ୍ଗନୱାଡ଼ି ଖାଦ୍ୟ ଉଠାଇବାକୁ ନିଷ୍ପତ୍ତି ହୋଇଥିବା ନେଇ ୱାର୍ଡସଭ୍ୟା ସୋରେନ ସରପଞ୍ଚ, ବିଡ଼ିଓ, ଜିଲାପାଳ, ଏସ୍‌ପି ଏବଂ ପଞ୍ଚାୟତରାଜ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତ। ସରପଞ୍ଚ କରୁଣାକର ମଲ୍ଲିକ ୱାର୍ଡସଭ୍ୟାଙ୍କ ଅଭିଯୋଗ ମୁତାବକ ସେ ବିଡ଼ିଓଙ୍କୁ ଚିଠି ଲେଖି ଅବଗତ କରାଇଥିବା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବିଡ଼ିଓ ଜ୍ଞାନରଞ୍ଜନ ସାହୁ କହିଛନ୍ତି, ଗାଁରୁ ବାସନ୍ଦ କରାଯିବା ନେଇ ଅଭିଯୋଗ ପାଇବା ପରେ ସରପଞ୍ଚଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି କୁହାଯାଇଥିଲା। ନ ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

## ମହୋତ୍ସବରେ ଝୁମିଲେ ବଲାଣିବାସୀ

କେନ୍ଦୁଝର, ୨।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବଲାଣି ମହୋତ୍ସବ ପାଳନ ସମିତି ପକ୍ଷରୁ ସ୍ଥାନୀୟ ଜବାହାରଲାଲ ନେହେରୁ ଚିତ୍ତବିନୋଦନ କେନ୍ଦ୍ର ଠାରେ ଆୟୋଜିତ ଦୁଇ ଦିନିଆ ବଲାଣି ମହୋତ୍ସବ ଅତି ଉତ୍ସାହ ଓ ଆଡ଼ମ୍ବର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ସେ ସୀମାନ୍ତ ଅଞ୍ଚଳରେ ଓଡିଶାର କଳା, ସ୍ଥାପତ୍ୟ ଓ ସଂସ୍କୃତି ବଞ୍ଚାଇ ରଖିବାକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭାକାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବଲାଣି ଖଣିର ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ, ସାଧାରଣ ସମ୍ପାଦକ ଏସ୍.ନନ୍ଦ, ସଭାପତି ଡା. ଥାନେଶ୍ୱର ସୋରେନ ବାଲାଗୋଡ଼ା ସରପଞ୍ଚ ଗୌରୀ ଖୁଣ୍ଟିଆ ଓ ୨୬ ନମ୍ବର ଜୋନ ଜିଲାପରିଷଦ ସଦସ୍ୟ ଶଶିକାନ୍ତ ଖିଲାର ଯୋଗ ଦେଇଥିଲେ। ମହୋତ୍ସବ ପାଳନ ସମିତି ପକ୍ଷରୁ ବଲାଣି ଅଞ୍ଚଳର ଉନ୍ନତି ନିମନ୍ତେ ମରଣୋତ୍ତର ଭାବରେ ସ୍ୱର୍ଗତ ଦୟାନିଧି ମହାନ୍ତି, କ୍ରୀଡ଼ା ଜଗତରେ ବଲାଣି ନିମନ୍ତେ ଗୌରବ ଆଣିଥିବା ମହିଳା କ୍ରିକେଟ ଖେଳାଳି ରଶ୍ମୀ ଗୁଡ଼ିଆ ଓ ସମାଜ ସେବା ନିମନ୍ତେ ସ୍ୱର୍ଗତ ଅମିତାଭ କରଙ୍କୁ ମରଣୋତ୍ତର ଭାବରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନୈବିଦ୍ୟ ଦ୍ୱାରା ଓଡିଶୀ, ପୁରୀ ରଙ୍ଗଶାଳା ଦ୍ୱାରା ସାହିଯାତ ଓ ଦୟାଲ ଏକାଡେମୀ ବରଗଡ଼ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଯେଉଁଥିରେ ଶହ ଶହ ସଂଖ୍ୟାରେ ଦର୍ଶକ ଉପସ୍ଥିତ ହୋଇ ମହୋତ୍ସବକୁ ଉପଭୋଗ କରିବା ସହିତ ସଙ୍ଗୀତର ତାଳେତାଳେ ଝୁମି ଉଠିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ବିଶିଷ୍ଟ ଅତିଥି ଭାବେ ସିଆଇଏସଏଫ ବଲାଣି ଏକକର ଡିସି ରୋଶନ ରାଜା ଆଦି ଯୋଗ ଦେଇଥିଲେ।

## ୫ ଡାଏରୀ ଫାର୍ମ ପୁରସ୍କୃତ

ଭଦ୍ରକ ଅଫିସ, ୨।୬

ଭେଟ୍ ହେଲ୍‌ଥ ପ୍ଲସ ସଙ୍ଗଠନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭଦ୍ରକ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଦୁଗ୍ଧ ଚାଷୀ, ବୈଜ୍ଞାନିକ ଓ ପ୍ରାଣୀ ଚିକିତ୍ସକମାନଙ୍କୁ ନେଇ ବିଶ୍ୱ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ୫ ଶ୍ରେଷ୍ଠ ଡାଏରୀ ଫାର୍ମକୁ ପୁରସ୍କୃତ କରାଯାଇଛି। ଜୁନ୍ ପହିଲାକୁ ବିଶ୍ୱ ଦୁଗ୍ଧ ଦିବସ ଭାବେ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥାନ ମାଧମରେ ସମଗ୍ର ବିଶ୍ୱରେ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଭବାନୀ ପ୍ରସାଦ ମହାପାତ୍ର, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଗୋସୁରକ୍ଷା ସମିତିର ଆବାହକ ଅପୂର୍ବ ରଞ୍ଜନ ବେହେରା ଓ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ତଥା ଭେଟ୍ ହେଲ୍‌ଥ ପ୍ଲସର ଆବାହକ ତିହିଡ଼ି ପ୍ରାଣୀ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ଡା. ନିରାକାର ଜେନା ଯୋଗ ଦେଇଥିଲେ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଆବଶ୍ୟକତା ଉପରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୪୫ ଡାଏରୀ ଫାର୍ମ ମଧ୍ୟରୁ ଜଗତସିଂହପୁରର ଶ୍ୱେତା ଫାର୍ମ ପ୍ରଥମ, ତିହିଡ଼ି ବ୍ଲକର ବଳ ଡାଏରୀ ଫାର୍ମ ଦ୍ୱିତୀୟ, ବନ୍ତ ବ୍ଲକ ବସନ୍ତିଆର ମା' କାଳୀଦେବୀ ଡାଏରୀ ଫାର୍ମ ତୃତୀୟ, ତିହିଡ଼ି ବ୍ଲକର କସଟି ତାରିଣୀ ଫାର୍ମ ଚତୁର୍ଥ ଓ ଧାମନଗର ବ୍ଲକର ଗୋବିନ୍ଦପୁର ବିମଳା ଡାଏରୀ ଫାର୍ମ ପଞ୍ଚମ ଭାବେ ବିବେଚିତ କରାଯାଇ ମାଲିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରମାକାନ୍ତ ଜେନା ଓ ମନୋରଞ୍ଜନ ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ, ସରୋଜ ଜେନା, ଶୁଭାଶିଷ ତ୍ରିପାଠୀ, ଶୁଭାଶିଷ ପଣ୍ଡା, ସତ୍ୟବ୍ରତ କରଙ୍କ ସହ ଭେଟ୍ ହେଲ୍‌ଥ ପ୍ଲସର ସଭ୍ୟମାନେ ସହଯୋଗ କରିଥିଲେ।



ସମ୍ବର୍ଦ୍ଧିତ ଡାଏରୀ ଫାର୍ମ ମାଲିକଙ୍କ ସହ ଅତିଥି।

## ହଜ୍ ଯାତ୍ରା ପାଇଁ ତାଲିମ

ଭଦ୍ରକ ଅଫିସ, ୨।୬

ଭଦ୍ରକ ହଜ୍ କମିଟି ଆନୁକୂଲ୍ୟରେ ହଜ୍ ଓ ଉମରା ଯାଉଥିବା ତୀର୍ଥଯାତ୍ରୀଙ୍କ ପାଇଁ ପୁରୁଣାବଜାରସ୍ଥିତ ରୟାଲ ପ୍ୟାଲେସଠାରେ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଧର୍ମ ବିଶାରଦ ତଥା ପ୍ରଶିକ୍ଷକ ମୌଲାନା ସୈୟଦ ଅବଦୁଲ ମସଜୁଦ ହବିବି ଏହାର ନେତୃତ୍ୱ ନେଇଥିଲେ। ହାଜି ମିର୍ଜା ଇସଲାମ ବେଗ, ହାଜି ଶେଖ୍ ସିରାଜୁଦ୍ଦିନ ଓ ହାଜି ସଲିମ ଖାଁଙ୍କ ପୃଷ୍ଠପୋଷକତାରେ ମଙ୍ଗଳବାର ଓ ବୁଧବାର ଅନୁଷ୍ଠିତ ଶିବିରରେ ମୌଲାନା ମୁଫତି କାଶିମ, ହାଫିଜ ଗୋଲାମ ଗୌସ ତାଲିମ ଦେଇଥିଲେ। ତୀର୍ଥଯାତ୍ରୀମାନେ ନୀତିନିୟମ ପାଳନ କରିବା ଓ ବିଭିନ୍ନ ପରିସ୍ଥିତିରେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ବାଲେଶ୍ୱର, ଯାଜପୁର, କଟକ, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତସିଂହପୁର ଆଦି ଅଞ୍ଚଳରୁ ମହିଳା ଓ ପୁରୁଷ ହଜ୍‌ଯାତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ହଜ୍ କମିଟି ସଭାପତି ହାଜି ମହମ୍ମଦ ଫାରୁକ, ଉପସଭାପତି ମିର୍ଜା ଇକ୍ରାମ ବେଗ, ସମ୍ପାଦକ ପ୍ରାକ୍ତନ କାଉନସିଲର ଅସରଫ ଅଲ୍ଲୀ ଖାନ, ସହ ସମ୍ପାଦକ ମିର୍ଜା ମୋଜିବୁର ରହେମାନ ଏବଂ ସଭ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ୨୬ବର୍ଷ ଧରି ଭଦ୍ରକରେ ହଜ୍‌ଯାତ୍ରୀଙ୍କୁ ଏପରି ତାଲିମ ଦିଆଯାଉଛି।

## ମୃତକଙ୍କ ପରିବାରକୁ ପୁନଃ ଥଇଥାନ ଦାବିରେ ଅନଶନ



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି ମୃତକ କର୍ମଚାରୀ ପରିବାର ସଂଘ କର୍ମକର୍ତ୍ତା।

ବାରିପଦା ଅଫିସ,୨।୬

ମୟୂରଭଞ୍ଜ ଜିଲା ମୃତକ କର୍ମଚାରୀ ପରିବାର ସଂଘ ପକ୍ଷରୁ ପୁନଃ ଥଇଥାନ ନିଯୁକ୍ତି ଦାବିରେ ଦୁଇ ଦିନ ଧରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଜାରି ରଖିଛନ୍ତି । ଦୁଇ ବର୍ଷ ଧରି ଜିଲା ଶିକ୍ଷାଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରତିବାଦ ସ୍ୱରୂପ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ୨୦୨୦ ମସିହା ଏପ୍ରିଲ ୨୭ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ପୁନଃ ନିଯୁକ୍ତିରେ ଥଇଥାନ କରିବାକୁ ନେଇ ସମ୍ପର୍କୀୟଙ୍କୁ କୌଣସି ଚିଠି ପ୍ରଦାନ କରାଯାଇନଥିଲା । ଫଳରେ ଦୁଇ ବର୍ଷ ତଳେ ପ୍ରତିଶ୍ରୁତି ପାଇଥିବା ୧୧ପରିବାରଙ୍କ ଆତ୍ମୀୟମାନେ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହୋଇପଡିଥିଲେ। ନିରୂପାୟ ହୋଇ ସଂଘ ପରିବାର ପକ୍ଷରୁ ଉକ୍ତ ପରିବାର ଲୋକେ ଆମରଣ ଅନଶନରେ ବସିଛନ୍ତି। ୨୦୧୧ମସିହାଠାରୁ ଥଇଥାନ ଯୋଜନା ଲାଗୁ କରାଯାଇ ନ ଥିବା ବେଳେ ବହୁ ଦାବି ପରେ ୨୦୨୨ମସିହାରେ ନିଯୁକ୍ତି ଦେବା ପାଇଁ କାର୍ଯ୍ୟାଳୟକୁ ଡକାଯାଇଥିଲା। ସେହି ଦିନ ଠାରୁ ଜିଲା ଶିକ୍ଷାଧିକାରୀ ବିଭିନ୍ନ ଆଳ ଦେଖାଇ ସମୟ ଅତିବାହିତ କରିଚାଲିଛନ୍ତି। ତେବେ ଜିଲାରେ ଥିବା ୩ଶହରୁ ଉର୍ଦ୍ଧ୍ୱ ମୃତକଙ୍କ ଆତ୍ମୀୟମାନେ ଥଇଥାନ ପାଇଁ ଅପେକ୍ଷା କରିଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ନିଯୁକ୍ତି ଦିଆଯାଉନଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଆଗାମୀ ଦିନରେ ଜିଲାସ୍ତରୀୟ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ବୋଲି ସଂଘ ପକ୍ଷରୁ କଡ଼ା ଚେତବାନୀ ଦିଆଯାଇଛି ।

## ୬୨୭ ନାମାଙ୍କନ ପତ୍ର ଦାଖଲ

ବାରିପଦା ଅଫିସ, ୨।୬

ମୟୂରଭଞ୍ଜ ଜିଲାରେ ହେବାକୁ ଥିବା ସମବାୟ ନିର୍ବାଚନ-୨୦୨୨ର ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ୩୧ତାରିଖରେ ଶେଷ ହୋଇଛି। ଚଳିତ ୧୯ ଓ ୨୬ତାରିଖରେ ୨ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲାର ମୋଟ ୧୯୪ରୁ ୧୯୩ଟି ସମବାୟ ସମିତିରେ ନିର୍ବାଚନ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟ ଅର୍ଥାତ ଜୁନ୍ ୧୯ରେ ୧୦୩ଟି ଓ ୨ୟ ପର୍ଯ୍ୟାୟରେ ୯୦ଟି ସେବା

### ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନ

ସମବାୟ ସମିତି ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ମୟୂରଭଞ୍ଜ ସମବାୟ ନିର୍ବାଚନ ଅଧିକାରୀ ତଥା ଜିଲା ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଗତ ୨୭ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହା ପରେ ୩୦ ଓ ୩୧ ତାରିଖ ୨ଦିନ ନାମାନଙ୍କନ ପତ୍ର ଦାଖଲ କାର୍ଯ୍ୟ ଶେଷ ହୋଇଛି। ନିର୍ବାଚନ ହେବାକୁ ଥିବା ୫୧ଟି ଲ୍ୟାମ୍ପସରୁ ପ୍ରଥମ ପର୍ଯ୍ୟାୟରେ ୨୮ଟି ଲ୍ୟାମ୍ପସରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତ୍ୟେକରେ ୧୫ଜଣ ପରିଚାଳନା ସଦସ୍ୟାସଦସ୍ୟ ପଦବୀ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ମୋଟ ୪୨୦ ପଦବୀ ପାଇଁ ୬୨୭ଜଣ ନାମାନଙ୍କନ ପତ୍ର ଦାଖଲ କରିଛନ୍ତି। ଜିଲାର ଉଦଳା ଲ୍ୟାମ୍ପସରେ ସର୍ବାଧିକ ୪୯ଟି ନାମାନଙ୍କନ ପତ୍ର ଦାଖଲ ହୋଇଥିବା ବେଳେ ରାଇରଙ୍ଗପୁର ଲ୍ୟାମ୍ପସରେ ସର୍ବନିମ୍ନ ୭ଜଣ ନାମାନଙ୍କନ ପତ୍ର ଦାଖଲ କରିଛନ୍ତି।

## ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ୨।୬ (ସ୍ୱ.ପ୍ର.)

ଚଳିତ ୨୦୨୨ ମସିହା ଜୁନ୍ ମାସ ପାଇଁ ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ ଠାରେ, ୧୩ ତାରିଖ ସୋମବାର ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟଠାରେ, ୨୦ ତାରିଖରେ ସାହାରପଡା ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ୨୭ ତାରିଖ ସୋମବାର ଘସିପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ବିହୀତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦିବ୍ୟାଙ୍ଗଙ୍କ ଦ୍ୱାରା ରକ୍ତଦାନ ଶିବିର

ନୀଳଗିରି, ୨।୬(ସ୍ୱ.ପ୍ର.)

ବିଭିନ୍ନ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଥିବା ଦିବ୍ୟାଙ୍ଗ ରାଜେନ୍ଦ୍ର କୁମାର ଜେନାଙ୍କ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତ ଭୂଧାରଚଣ୍ଡୀ ହାଇସ୍କୁଲ ପରିସରରେ ବୁଧବାର ଆୟୋଜିତ ରକ୍ତଦାନ ଶିବିରରୁ ମୋଟ୍ ୩୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ୧୨ନଂ. ଜୋନର ଜିଲା ପରିଷଦ ସଦସ୍ୟ ରଞ୍ଜିତା ସିଂ, ସାମାଜିକ କର୍ମୀ ତଥା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ

### ୩୨ ୟୁନିଟ୍ ରକ୍ତ ସଂଗ୍ରହ

ମହାପ୍ରବନ୍ଧକ ମଦନମୋହନ ମାଝି, ସଜନାଗଡ଼ ସରପଞ୍ଚ ପ୍ରଦୀପ ଖାଲପାଳିଆଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ଶିବିରରେ ସ୍ୱାସ୍ଥ୍ୟ ବିଭାଗ ଡ. ସଞ୍ଜୟ ବାରିକ, ସରୋଜ ପସା, ଦିବ୍ୟାଂଶୁ ବେହେରା, ସଂଗ୍ରାମଜ୍ୟୋତି ମହାପାତ୍ର, ଗତିକୃଷ୍ଣ ମହାନ୍ତି ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ସବିତା ଖାଲପାଳିଆ, ସଞ୍ଜୟ କୁମାର ନାୟକ, ପ୍ରତିସ୍ମିତା ମହାନ୍ତି, ସୁଶ୍ରୀ ଶ୍ରିୟା ଏଲିନା ଦାସବାବୁ, ଧର୍ମେନ୍ଦ୍ର ଖଣ୍ଡେଇ, ଦିପ୍ତୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ରକ୍ତଦାତା।

## ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଦୁର୍ନୀତି ଅଭିଯୋଗ

ବାହାନଗା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଉଚ୍ଚ ବିଦ୍ୟାଳୟରେ ୫ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଦୁର୍ନୀତି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୫ଟି ଅଧୀନରେ ଯେଉଁ ବିଦ୍ୟାଳୟଗୁଡିକ ସାମିଲ ହେଉଛି ସେହି ବିଦ୍ୟାଳୟଗୁଡିକର ରୂପରେଖ ବଦଳିଯାଉଛି। ସମସ୍ତ କାର୍ଯ୍ୟକ୍ରମ ବିଡିଓ, ଜିଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଉଛି। ବିଡିଓ ନିଜେ ୫ଟି ଅଧୀନରେ ଆସୁଥିବା ବିଦ୍ୟାଳୟଗୁଡିକର କାର୍ଯ୍ୟ ବୁଝାବୁଝି କରିଥାନ୍ତି। ମାତ୍ର ଖରାସାହାପୁର ଉଚ୍ଚ ବିଦ୍ୟାଳୟରେ ଏସବୁରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଖରାସାହାପୁର ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯିବା ପରେ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ରୂପାନ୍ତରଣ ନିମନ୍ତେ ୪୫ଲକ୍ଷ ଟଙ୍କା ଆସିଥିଲା। ସେହି ଟଙ୍କାରେ ବିଦ୍ୟାଳୟର କାମ ହେବା ପୂର୍ବରୁ ଜିଲାପାଳ ତା୧୬।୧୨।୨୧ରିଖରେ ଚିଠି ନମ୍ବର ୧୬୨୦୪ରେ ବିଡିଓଙ୍କ ଆକାଉଣ୍ଟକୁ ଟଙ୍କା



ଖରାସାହାପୁର ଉଚ୍ଚ ବିଦ୍ୟାଳୟ।

ଟ୍ରାନ୍ସଫର କରିଦେବା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଚିଠି କରିଥିଲେ। ସେହି ଚିଠି ଅନୁଯାୟୀ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିଡିଓଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦେଇଥିଲେ। ଖରାସାହାପୁର ବିଦ୍ୟାଳୟ ପକ୍କା ଘର ବାହାର କାନ୍ଥରେ କଣା ଥିଲେ ମଧ ତାହାକୁ ବୁଜା ନ ଯାଇ ରଙ୍ଗ ମରାଯାଇଛି । କାନ୍ଥରେ ବରଗଛ ଉଠିଥିଲେ ମଧ ତାହାକୁ କଟାଯାଇନାହିଁ। ପୁରୁଣା ଡେକ୍ସ ଓ ବେଞ୍ଚକୁ ମରାମତି କରାଯାଇ କାମ ସାରି ଦିଆଯାଇଛି। ୫ଟି ଟଙ୍କାରେ ଯେଉଁ ସାମଗ୍ରୀ ବିଦ୍ୟାଳୟକୁ ଆସିବ ତାର ମାନ ତଦାରଖ କରିବା ପାଇଁ ଏକ ପରଚେଜ୍ କମିଟି ରହିଥାଏ। ସେହି କମିଟି ଦ୍ୱାରା କିଣାଯାଉଥିବା ସାମଗ୍ରୀର ତଦାରଖ କରିବାର ନିୟମ ଥିଲେ ମଧ ଖରାସାହାପୁର ବିଦ୍ୟାଳୟରେ ସେପରି କରାଯାଇନାହିଁ। ଏହି ବିଦ୍ୟାଳୟରେ ଲାଇବ୍ରେରୀ ଲାଗି ଘରଟିଏ ନାହିଁ। ମନଇଚ୍ଛା କାର୍ଯ୍ୟ କରାଯିବା ଉପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଘୋଷ କହିଛନ୍ତି, ଲୋକମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହା ମିଥ୍ୟା। ସମସ୍ତଙ୍କୁ ନେଇ କାମ କରାଯାଉଛି। ବିଦ୍ୟାଳୟ କାନ୍ଥରେ ଉଠିଥିବା ବରଗଛକୁ ଲୋକମାନେ କାଟିବାକୁ ଦେଲେ ନାହିଁ। ଅଳ୍ପ ଟଙ୍କାରେ ପୁରୁଣା ସାମଗ୍ରୀକୁ ମରାମତି କରାଯାଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ଖରାସାହାପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ସାହୁ କହିଛନ୍ତି ଆମେ କିଛି ଦାୟତ୍ୱ ନେଇନାହୁଁ। ବିଡିଓଙ୍କ ଆକାଉଣ୍ଟକୁ ଜିଲାପାଳଙ୍କ ଚିଠି ଅନୁଯାୟୀ ଆସିଥିବା ଟଙ୍କା ଟ୍ରାନ୍ସଫର କରିଦେବା ପରେ ନିଜେ ବିଡିଓଙ୍କ ତତ୍ତ୍ୱାବଧାନରେ କାମ ହେଉଛି । ସେ ବିଷୟରେ କିଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଗ୍ରାମବାସୀ ପ୍ରଦୀପ ଜେନା କହିଛନ୍ତି, ବିଦ୍ୟାଳୟ ବାହାରେ ଥିବା ବରଗଛର ଡାଳ କାନ୍ଥକୁ ଲାଗିଥିବାରୁ ବାହାର ଗଛକୁ କାଟିବା ପାଇଁ ବିଡିଓ କହୁଥିଲେ। ତାହାକୁ କାଟିବାକୁ ଲୋକେ ବାରଣ କରିଥିଲେ। ମାତ୍ର କାନ୍ଥରେ ଉଠିଥିବା ବରଗଛକୁ କାଟିବା ପାଇଁ ମନା କରିନାହାନ୍ତି । ସେହିପରି ତାଳକୁରୁଣିଆଁ ବିଦ୍ୟାଳୟରେ ମଧ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରୂପସା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସୀତାଡ଼ିହା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ ଘଡ଼ାଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଚାଳନା କମିଟି ସଭାପତି ଅଜିତ୍ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନାବରା ପଞ୍ଚାୟତ ସରପଞ୍ଚ ନଗେନ୍ଦ୍ର କୁମାର ସିଂହ ମୁଖ୍ୟଅତିଥି, ମାନବାଧିକାର ମିଶନର ବସ୍ତା ବ୍ଲକ ସଭାପତି ତଥା ସିଂଲା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ମିଶ୍ର ମୁଖ୍ୟବକ୍ତା, ବିଶିଷ୍ଟ ଶିକ୍ଷାବିତ୍ ମନୋରଞ୍ଜନ ଗିରି , ପ୍ରାଣକୃଷ୍ଣ ପ୍ରଧାନ, ବରେନ୍ଦ୍ର ଦାଶ, ବିଜୟ କୁମାର କର, ସନାତନ ପ୍ରଧାନ, ବିପିନ୍ ରଣା, ଶ୍ୟାମସୁନ୍ଦର ପ୍ରଧାନ, ଲକ୍ଷ୍ମଣ ସେନାପତି, ରମାନାଥ ଦାସ, ଗଗନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଶିକ୍ଷକତା ଜୀବନର ସଫଳତା ଦିଗରେ ଆଲୋକପାତ କରିଥିଲେ। ବରେନ୍ଦ୍ର କୁମାର ସେନାପତି ମଞ୍ଚ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ବଜ୍ରପାତରେ ଜଳିଗଲା ଉଠାଜଳସେଚନ ଗୃହ

କୁଆମରା (ଡି.ଏନ.ଏ.): ଗୁରୁବାର ବର୍ଷା ସହ ବଜ୍ରପାତ ହେବାରୁ ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ରବୀନ୍ଦ୍ର ନାଥ ବାରିକଙ୍କ ବିଲମଝିରେ ଥିବା ଉଠାଜଳସେଚନ ଗୃହ ସମ୍ପୂର୍ଣ୍ଣ ଜଳି ଯାଇଛି। ଉକ୍ତ ଘର ମଧ୍ୟରେ ଥିବା ସେଲ ଓ ଅନ୍ୟାନ୍ୟ ବିଦ୍ୟୁତ ସାମଗ୍ରୀ ନଷ୍ଟ ହୋଇଯାଇଛି। ତେବେ ରବୀନ୍ଦ୍ର ୫ ବର୍ଷ ତଳେ ଉକ୍ତ ସେଲ୍‌ଟି ବସାଇଥିଲେ। ଖରିଫ ଓ ରବି ଋତୁରେ ପାଖାପାଖି ୧୦ ଏକରରୁ ଅଧିକ ଜମିରେ ଧାନଚାଷ ହୋଇପାରୁଥିଲା। ତାଙ୍କ ଜମି ନିକଟରେ ଥିବା ୪/୫ ଜଣ ଚାଷୀ ମଧ୍ୟ ଉପକୃତ ହେଉଥିଲେ।

### ସଂକ୍ଷେପରେ

## ପ୍ରାର୍ଥୀପତ୍ର ନାକଚକୁ ନେଇ ଗଣ୍ଡଗୋଳ: ପୋଲିସ କର୍ମଚାରୀ ଆହତ

ହାଟଡିହୀ,୨।୬(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶଢ଼ା ସମବାୟ ସମିତି ନିର୍ବାଚନରେ ପ୍ରାର୍ଥୀପତ୍ର ନାକଚକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସୋସୋ ପୋଲିସ ଉଭୟ ଦଳର କର୍ମୀଙ୍କ ଅଭିଯୋଗ ଆଧାରରେ ୪ଟି ମାମଲା ରୁଜୁ କରିଛି। ବିଜେଡି କର୍ମୀ ଜଗନ୍ନାଥ ସାହୁ ଅଭିଯୋଗ କରିଥିବା ବେଳେ କଂଗ୍ରେସ କର୍ମୀ ଚମ୍ପୁ ପାତ୍ର, ରଘୁନାଥ ସାମଲ, ଶ୍ରୀକାନ୍ତ ବୋଇତେଇ ପ୍ରମୁଖ ଅଭିଯୋଗ କରିଛନ୍ତି। ମାମଲା (ନଂ ୯୬/୨୦୨୨), (୯୭/୨୦୨୨), (୯୮/୨୦୨୨) ଏବଂ (୯୯/୨୦୨୨) ଅଟେ। ମୋଟ ୨୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସୋସୋ ଆଇଆଇସି ଉପେନ୍ଦ୍ର ଦାସ କହିଛନ୍ତି କେତେକ ବ୍ୟକ୍ତିଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଯିବାକୁ ନେଇ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। କଂଗ୍ରେସ ତରଫରୁ ୩ଟି ଏବଂ ବିଜେଡି ତରଫରୁ ଗୋଟିଏ ମାମଲା ରୁଜୁ ହୋଇଛି। ଏଥିସହ ଗଣ୍ଡଗୋଳରେ ଥାନାର ଏଏସଆଇ ସନ୍ତୋଷ ପ୍ରଧାନ ଆହତ ହୋଇଛନ୍ତି। ତାଙ୍କର ଚିକିତ୍ସା କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ଉଭୟପକ୍ଷଙ୍କ ମଧ୍ୟରେ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

## ହାତଗୋଡ଼ ବନ୍ଧା ଅବସ୍ଥାରେ ମିଳିଲା ଯୁବକଙ୍କ ମୃତଦେହ

ପାଟଣା,୨।୬ (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ମୃଷାପଡା ସନ୍ନିକଟ କାଁଝାରି ନଦୀରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତ ଦେହ ହାତଗୋଡ଼ ବନ୍ଧା ଅବସ୍ଥାରେ ମିଳିଛି। ମୃତକ ହେଲେ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡା ଗ୍ରାମ ଉପର ସାହିର ତ୍ରିଲୋଚନ ନାଏକ। ସୂଚନା ଅନୁଯାୟୀ, ତ୍ରିଲୋଚନ ୫ ଦିନ ତଳୁ ନିଖୋଜ ହୋଇଥିବା ନେଇ ଘର ଲୋକେ ଫଟୋ ସହ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। କେତେକ ଲୋକ ନଦୀକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ନଦୀରେ ମୃତଦେହ ଭାସୁଥିବା ଦେଖିଥିଲେ। ପାଟଣା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହ ପହଞ୍ଚି ମୃତଦେହକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ଆଣି ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ଏକ ହତ୍ୟାକାଣ୍ଡ ମାମଲା (ନଂ.୧୦୦/୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତ୍ରିଲୋଚନଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମା' ବାପା ଅଭିଯୋଗ କରିଛନ୍ତି।

## ଝାଡ଼ାବାନ୍ତିରେ ଆକ୍ରାନ୍ତ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀ

ଉଦଳା, ୨।୬ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଶାଳଖୁଣ୍ଟା ଆଶ୍ରମ ବିଦ୍ୟାଳୟର ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ହଷ୍ଟେଲରେ ରହୁଥିବା ଏହି ଛାତ୍ରୀମାନେ ମଙ୍ଗଳବାର ରାତିରେ ଖାଦ୍ୟ ଖାଇ ଶୋଇଥିଲେ। ବୁଧବାର ସକାଳେ ଦୁଇ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁବାର ୧୫ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ଶିବାନନ୍ଦ ମହାନ୍ତି କହିଛନ୍ତି। ଅତ୍ୟଧିକ ଗୁଳୁଗୁଳି ସାଙ୍ଗକୁ ବାସିଖାଦ୍ୟ ଖାଇ ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି।

# 'ମାସକ ମଧ୍ୟରେ ରିପୋର୍ଟ ଦିଅ'

ବାରିପଦା ଅଫିସ,୨।୬



ଛଉ ତାଲିମ କେନ୍ଦ୍ର ଖୋଲିବା ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

### ଛଉ ତାଲିମ କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ

- ନିର୍ଦ୍ଦେଶ ଦେଲେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ସଙ୍ଗୀତ ସାହିତ୍ୟ ଏକାଡେମୀ ସଚିବ
- କଳାକାରଙ୍କୁ ଦିଆଯିବ ଦକ୍ଷତାଭିତ୍ତିକ ପ୍ରମାଣପତ୍ର

ବିଶ୍ୱପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ଅଧୀନରେ ଛଉ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବା ନେଇ ଆଶା ସଞ୍ଚାର ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ସଙ୍ଗୀତ ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ଗୁରୁବାର ଦିନିକିଆ ଜିଲା ଗସ୍ତରେ ଆସି ଏନେଇ ସମୀକ୍ଷା କରିଛନ୍ତି। ଏଥିସହ ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ପୁନରୁଦ୍ଧାର, ଛଉ ନୃତ୍ୟ ଓ ସଙ୍ଗୀତର ସଂରକ୍ଷଣ, ପାଠ୍ୟକ୍ରମ ପ୍ରସ୍ତୁତି ଓ ତାଲିମ କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରାଯାଇଛି।

ଗଡ଼ଜାତ ଶାସନ କାଳରୁ ଚାଲି ଆସୁଥିବା ଛଉ ନୃତ୍ୟ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଛି। ଏହି ନୃତ୍ୟକୁ ଦୀର୍ଘଜୀବୀ କରିବା ଓ ନୂତନତ୍ୱ ଆଣିବା ପାଇଁ ବିଭାଗ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଛଉ ନୃତ୍ୟ ଶିଳ୍ପୀ ଓ ବାଦ୍ୟକାରମାନଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରିବାକୁ ଥିବାବେଳେ ଦକ୍ଷତାଭିତ୍ତିକ ପ୍ରମାଣପତ୍ର ଦିଆଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଜିଲାର ୨୬ ବ୍ଲକରେ ଥିବା ୨୧୦ଟି ଛଉ ପ୍ରତିଷ୍ଠାନର କଳାକାର ଏବଂ ଉତ୍ତରସାହି ଓ ଦକ୍ଷିଣସାହି କଳାକାରମାନଙ୍କ ମଧ୍ୟରୁ ପ୍ରତିବର୍ଷ ବଛା ବଛା କଳାକାରଙ୍କୁ ନେଇ ତାଲିମ ପ୍ରଦାନ କରାଯିବ। ଏଥିନିମନ୍ତେ ଆବଶ୍ୟକତା ଅନୁଯାୟୀ ଛଉ ନୃତ୍ୟ ଓ ବାଦ୍ୟ ଗୁରୁଙ୍କୁ ଚିହ୍ନଟ କରି ବାର୍ଷିକ, ଡିପ୍ଲୋମା ଓ ଡିଗ୍ରୀ ହାସଲ ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଛଉ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ କଳାକାର ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ସେହିପରି ୨୫୦ଟି ଛଉ ନୃତ୍ୟରୁ ବର୍ତ୍ତମାନ ୪୦/୫୦ଟି ପ୍ରଦର୍ଶନ ହେଉଛି। ବାରମ୍ବାର ଏହି ନୃତ୍ୟଗୁଡ଼ିକ ଦେଖିବା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ କମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହଜିଯାଉଥିବା ଛଉ ନୃତ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ପୁରୁଣା ଫଟୋ, ଭିଡିଓ ଓ ସ୍କ୍ରିପ୍ଟକୁ ସଂଗ୍ରହ କରି ଡିଜିଟାଲାଇଜେଶନ କରିବାକୁ ସେମାନେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ନୂତନ ଭାବେ ଛଉ ନୃତ୍ୟ ପ୍ରତି ଆକୃଷ୍ଟ ହେଉଥିବା ଶିଳ୍ପୀଙ୍କୁ ତାଲିମ ଦେବାରେ ସହାୟକ ହୋଇପାରିବ ବୋଲି କହିଛନ୍ତି। ସେହିପରି ଛଉ ନୃତ୍ୟ ପାଇଁ ଆବଶ୍ୟକ ବାଦ୍ୟଯନ୍ତ୍ର ଓ ବାଦ୍ୟକାରମାନଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଦିଆଯିବ ବୋଲି ମତପ୍ରକାଶ ପାଇଛି। ତେବେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ସମଗ୍ର ଜିଲାରେ ସର୍ଭେ କରାଯାଇ ଅନୁଷ୍ଠାନ ଓ ଛଉ କଳାକାରମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପୂର୍ବକ ରିପୋର୍ଟ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରାଯାଇଛି। ଏହାବ୍ୟତୀତ ଭବିଷ୍ୟତରେ ଆବଶ୍ୟକତାକୁ ଭିତ୍ତିକରି ନୂଆ ଯୋଜନାଗୁଡ଼ିକର ରୂପରେଖ ସମ୍ପର୍କରେ ଅବଗତ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ପ୍ରୋଜେକ୍ଟ ଛାଉଣୀର ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ, ଉତ୍ତରସାହି ଓ ଦକ୍ଷିଣସାହି ଛଉ ନୃତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଢେଙ୍କିକୋଟ, ୨।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଙ୍ଗୁଳି ପାତ୍ର (୭୦)। ତାଙ୍କ ଘର ଢେଙ୍କିକୋଟ ଗ୍ରାମର ପାତ୍ର ସାହିରେ। ବୁଧବାର ମଙ୍ଗୁଳି ପଞ୍ଚାୟତ କାର୍ଯ୍ୟାଳୟକୁ ମାଗଣା ଚାଉଳ ଆଣିବାକୁ ରାସ୍ତା ପାର ହୋଇ ଯାଉଥିଲେ। ଫଳରେ କୌଣସି ଏକ ଅଜଣା ଗାଡି ଦ୍ରୁତ ଗତିରେ ଧକ୍କା ଦେଇ ଚାଲି ଯାଇଥିଲା। ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ଡାକ୍ତର କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ନିଜ କାର ଅଟକାଇ ବୃଦ୍ଧା ଜଣଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟାବସ୍ଥା ପରଖି ଆମ୍ବୁଲାନ୍ସ ଡାକି ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ବିଟ ହାଉସ ଅଧିକାରୀ ସବଇନ୍ସପେକ୍ଟର ରାମଚନ୍ଦ୍ର ସଏ ଗୁରୁବାର ଘଟଗାଁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୦୮/୨୭) ରୁଜୁ ହୋଇଛି।

## 'ବିକାଶର ବିନ୍ଧାଣି ଥିଲେ ବିଜୟଶ୍ରୀ'

ବାସୁଦେବପୁର/ ପଦ୍ମପୁର,୨।୬(ଡି.ଏନ.ଏ.)



ସ୍ମୃତିସଭାରେ ଉପସ୍ଥିତ ଅତିଥି।

ପୂର୍ବତନ ମନ୍ତ୍ରୀ, ବିଧାୟକ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ଭଦ୍ରକ ଜିଲା ବାସୁଦେବପୁର ଜନମାନସର ନେତା ଥିବାବେଳେ ବିକାଶର ବିନ୍ଧାଣୀ ଭାବେ ରାଜ୍ୟ ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଳଙ୍କୃତ କରିପାରିଥିଲେ ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଗୁରୁବାର ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାସୁଦେବପୁର ନୀଳମଣି ଟାଉନହଲ ପରିସରରେ ବିଜୟଶ୍ରୀ ରାଉତରାୟ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୀତିକାର ପୀତାମ୍ବର ମିଶ୍ର ସଭାପତିତ୍ୱ କରିଥିଲେ। ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ପୌରାଧ୍ୟକ୍ଷ ନିବେଦିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରାଉତରାୟ ବାସୁଦେବପୁର ଉନ୍ନତିର ବିଶ୍ୱକର୍ମା ଭାବେ ପରିଚିତ ଥିଲେ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନଗର ଯୁବ ସଭାପତି ମାନସ ସାହୁ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଏବି କଲେଜର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ, ଅବସରପ୍ରାପ୍ତ ଅଧ୍ୟାପକ ବନମାଳି କୁଅଁର, ବନମାଳି ବାରିକ, ଅଭିମନ୍ୟୁ ବେହେରା, ଗିରିଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜଗନ୍ନାଥପ୍ରସାଦ, ପଦ୍ମପୁର, ସୁଗୋ, ଏଡ଼ତାଳ, ରାଜଘରପୋଖରୀ, ଇରମ, ବିରସ, ବାଲିମେଦ, ବାଲିମୁଣ୍ଡା, ନାୟକାଣିଡିହୀ, କରଞ୍ଜଆଡ଼ିଆ, ଆନ୍ଦୋଳା ସମେତ ସମସ୍ତ ୩୬ ପଞ୍ଚାୟତରେ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି।

## ୪ ସମବାୟ ସମିତିରେ ପ୍ରାର୍ଥୀପତ୍ର ଦାଖଲ କଲେ ୧୬୧ ପ୍ରାର୍ଥୀ

ଭଣ୍ଡାରିପୋଖରୀ,୨।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ ପାଇଁ ଗୁରୁବାର ୪ ସମିତିରେ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ମୋଟ ୧୬୧ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସୂଚନା ଅନୁଯାୟୀ, ମାଳଦା ସମିତିରେ ୧୫ ଜୋନ୍ ପାଇଁ ୪୩ ପ୍ରାର୍ଥୀ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ଓ ନିର୍ବାଚନ ଅଧିକାରୀ ନାରାୟଣ ଚନ୍ଦ୍ର ଦାସଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେହିଭିଳି ବାଲିପୋଖରୀରେ ସମ୍ପାଦକ ପିନାକୀ ଦାସ ଓ ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ ପୁହାଣଙ୍କ ନିକଟରେ ୪୦ଜଣ, ଜଳମଣ୍ଡୁଆ ସମିତିରେ ସମ୍ପାଦକ ଜୟନ୍ତ ଭୋଇ ଓ ନିର୍ବାଚନ ଅଧିକାରୀ ଗୋପାଳ ପଣ୍ଡାଙ୍କ ନିକଟରେ ୩୮ଜଣ, ସରସଦା ସମିତିଠାରେ ସମ୍ପାଦକ ସୌମ୍ୟ ପଣ୍ଡା ଓ ନିର୍ବାଚନ ଅଧିକାରୀ ପ୍ରମୋଦ ମିଶ୍ରଙ୍କ ନିକଟରେ ୪୦ଜଣ ନାମାଙ୍କନ ଦାଖଲ କରିଛନ୍ତି।

ପ୍ରାକ୍ତନ ସମିତି ସଭାପତି ନୃସିଂହ ଚରଣ ଖିଲାର, ଅରବିନ୍ଦ ନାୟକ, ବିଜୟ ଖିଲାର, ଦେବେନ୍ଦ୍ର ନାଥ ଧଳ, ପ୍ରାକ୍ତନ ସରପଞ୍ଚ ଜଗବନ୍ଧୁ ଦାସ, ସୁରେନ୍ଦ୍ର ପାଲ ପ୍ରମୁଖ ଚର୍ଚ୍ଚିତ ପ୍ରାର୍ଥୀ। ବିଭିନ୍ନ ସମିତିଠାରେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସରପଞ୍ଚ ଅମୂଲ୍ୟ ନାୟକ, ଅକ୍ଷୟ ତ୍ରିପାଠୀ, ପରମାନନ୍ଦ ନାୟକ, ପ୍ରତିନିଧି ବାପୁ ସାମଲ, ସରପଞ୍ଚ ପ୍ରତିନିଧି ବାବୁ ପରିଡା, ଅକ୍ଷୟ ତ୍ରିପାଠୀ, ପରମାନନ୍ଦ ନାୟକ, ସରପଞ୍ଚ ସତ୍ୟବ୍ରତ ପାଲ, ଜଗତଜୀବନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚମ୍ପୁଆ ରେଞ୍ଜରେ ୪୯ ହାତୀ

ଚମ୍ପୁଆ, ୨।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବର୍ତ୍ତମାନ ଜଙ୍ଗଲୀ ହାତୀଙ୍କ ଆବାସସ୍ଥଳୀ ପାଲଟିଛି। ବର୍ଷସାରା ହାତୀପଲ ବିଭିନ୍ନ ସେକ୍ସନରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲରୁ ବାହାରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଉପଦ୍ରବ ଚଳାଇଛନ୍ତି। ବର୍ତ୍ତମାନ ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ସେକ୍ସନରେ ୨୦, ଉଖୁଣ୍ଡା ସେକ୍ସନରେ ୮ ଓ ବାମେବାରୀ ସେକ୍ସନରେ ୨୧ ହାତୀ ରହିଛନ୍ତି। ବର୍ଷସାରା ହାତୀ ସମସ୍ୟା ପାଇଁ ବହୁ ଧନଜୀବନ କ୍ଷତି ଘଟୁଛି। ଖାଦ୍ୟାଭାବ ଓ ଆବାସସ୍ଥଳୀର ଅଭାବ ହେତୁ ଏହି ସମସ୍ୟା ଦେଖିବାକୁ ମିଳିଛି। ଏହି ହାତୀପଲଙ୍କ ଉପରେ ବନବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ଡେପୁଟି ରେଞ୍ଜର ସଞ୍ଜୀବ ରାଉତ ସୂଚନା ଦେଇଥିବା ବେଳେ ୩୮ ଜଣିଆ ହାତୀସ୍କ୍ୱାଡ୍, ୨୦ରୁ ଊର୍ଦ୍ଧ୍ୱ ଗଜସାଥୀ ୬ଟି ଗ୍ରୁପ ହୋଇ ଏହା ଉପରେ କଡ଼ା ନଜର ରଖିବେ। ନିୟମିତ ବ୍ୟବଧାନରେ ହାତୀପଲ ଶସ୍ୟକ୍ଷେତ ନଷ୍ଟ କରୁଥିବା ବେଳେ ବନ ବିଭାଗ ଅନେକ ସମୟରେ ହାତୀ ଘଉଡ଼ାଇବା କାର୍ଯ୍ୟରେ ବିଫଳ ହେଉଛନ୍ତି। ଗୋଠ ଖଣ୍ଡିଆ ହାତୀଙ୍କ ପାଇଁ ବନ ବିଭାଗର ନିଦ ହଜିଯାଉଥିବା ଦେଖାଯାଇଛି। ହାତୀ ରହୁଥିବା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଅନେକ ସମୟରେ ଭୟଭୀତ ହୋଇ ରହୁଛନ୍ତି।

## ୪୯ ନିୟମିତ ପ୍ରାଥମିକ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




ନିୟମିତ ଜଣେ ଶିକ୍ଷୟିତ୍ରୀଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ନୂତନ ଭାବେ ନିୟମିତ ହୋଇଥିବା ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ୪୯ଜଣ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଶୁକ୍ରବାର ଖଇରା ହାଇସ୍କୁଲ ପରିସରରେ ସଂଘର ସଭାପତି ଲମ୍ବୋଦର ଦାସଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ରାଜ୍ୟ ସଂଘ ସଭାପତି ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନିୟମିତ ଶିକ୍ଷକ ଭଉଣୀ ଭାଇମାନେ ସଂଘର ନୀତି ଆଦର୍ଶ ଗୋପନୀୟତାର ଶପଥପାଠ କରାଇଥିଲେ। ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ଯୋଜନା ଲାଗୁ କରିବା ଲାଗି ସଂଘକୁ ଅଧିକ ମଜଭୂତ୍ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ସୁଦର୍ଶନ ସେଠୀ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ଶିଅଳ, କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ କୁମାର ମହାନ୍ତି, ଅଶେଷ କୁମାର ବେହେରା, ସଞ୍ଜୟ କୁମାର ଦାସ, ଭୀମସେନ ନାଇକ, କୈଳାସ ଚନ୍ଦ୍ର ଦାସ, ଲମ୍ବୋଦର ନନ୍ଦ, ସୈରୁଦ୍ଦିନ ଖାନ, ଉମେଶ ମହାପାତ୍ର, ରଞ୍ଜିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମସ୍ତ ନିୟମିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଥାନାରେ ଏତଲା ଦେଲେ ମୃତକଙ୍କ ଭିଣୋଇ

ଭଦ୍ରକ ଅଫିସ,୨।୬

### ଡାକ୍ତରଖାନା ଗାଡ଼ି ମାଡ଼ିଯିବା ଘଟଣା

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ପୂର୍ବାହ୍ନରେ ଆଉଟଡୋର ଟିକେଟ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ଡାକ୍ତରଖାନା ଗାଡ଼ି ମାଡ଼ିଯାଇଥିଲା। ଏଥିରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଥିଲେ। ମୃତକ ବଡ଼ବର୍ଛିକୟାଁ ଗ୍ରାମର ଶ୍ରୀଧର ଲେଙ୍କାଙ୍କ ଭିଣୋଇ ରମାକାନ୍ତ ଭୂୟାଁ ବୁଧବାର ରାତିରେ ଆଗରପଡ଼ା ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୫୮/୨୨) ରୁଜୁକରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଡାକ୍ତରଖାନାର ବୋଲେରୋକୁ ଜବତ କରି ଥାନାରେ ରଖାଯାଇଥିବା ବେଳେ ଡ୍ରାଇଭର ସୁଦର୍ଶନ ସାହୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେଶ୍ୱର ଗୋଛାୟତ ଫେରାର ଥିବା ଆଇଆଇସି ସୁକାନ୍ତି କେରେଇ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ଆଗରପଡ଼ା ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକୃତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାବି ଲାଗି ରହିଥିବା ଉକ୍ତ ବୋଲେରୋକୁ ମହେଶ୍ୱର ଷ୍ଟାର୍ଟ କରିଦେବାରୁ ଟିକେଟ ପାଇଁ ଧାଡ଼ିରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଗୁରୁତର ହୋଇଥିବା ବଡ଼ମହିଷଗୋଠ ଗ୍ରାମର ତନ୍ମୟୀ ଜେନା(୨୮) ଓ ରାଉତରାପୁର ଗ୍ରାମର ଭାଗ୍ୟଲକ୍ଷ୍ମୀ ବାରିକ(୨୪) କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## କ୍ରୀଡ଼ା ଶିକ୍ଷକ ଚଳାଉଛନ୍ତି ବିଦ୍ୟାଳୟ

ଆରଡ଼ି, ୨।୬(ଡି.ଏନ.ଏ.)

- ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ ଚେତାବନୀ
- ସରକାରୀ ମାନ୍ୟତା ଦାବି

ଗାଁରେ ଶିକ୍ଷାରେ ବିକାଶ ହେବ। ଏହି ଲକ୍ଷ୍ୟ ନେଇ ଗ୍ରାମବାସୀ ୧୯୮୧ରେ ଖୋଲିଥିଲେ ଏକ ଉଚ୍ଚ ବିଦ୍ୟାଳୟ। ସ୍ଥାନୀୟ ଅଞ୍ଚଳ ତଥା ଜିଲାର ବାସୁଦେବପୁର ଅଞ୍ଚଳର ଶିକ୍ଷିତ ଯୁବକମାନେ ଏଠାରେ ନିଯୁକ୍ତି ପାଇ ଶିକ୍ଷାଦାନ କରୁଥିଲେ। ବହୁ ମେଧାବୀ ଛାତ୍ରୀଛାତ୍ର ଏଠାରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୟାନୁସାରେ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଅବସର ନେଇ ଗଲେଣି। ସରକାରୀ କଟକଣା ଯୋଗୁ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ପୂର୍ଣ୍ଣ ଅନୁଦାନ ବିଦ୍ୟାଳୟର ମାନ୍ୟତା ପାଇଥିବା ଏହି ବିଦ୍ୟାଳୟ ହେଉଛି ଭଦ୍ରକ ଜିଲା ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ସାହୁସାହି ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ। ବିଦ୍ୟାଳୟ ନିର୍ମିତ ହେବାକୁ ୪୧ ବର୍ଷ ବିତିଲାଣି। ହେଲେ ଏଯାଏ ମିଳିନି ସରକାରୀ ମାନ୍ୟତା। ଏବେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୫୦। କ୍ରୀଡ଼ା ଶିକ୍ଷକ ଅଜୟ କୁମାର ସାହୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ତାଙ୍କୁ ଛାଡ଼ିଦେଲେ ଜଣେ କିରାଣି ଓ ୨ଜଣ ପିଅନ ଥିଲେ। ଗତମାସ ୩୧ତାରିଖରେ ଜଣେ ପିଅନ ଅବସର ନେଇଛନ୍ତି। ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା କରି ଅଭିଭାବକମାନେ ୩ ଘରୋଇ ଶିକ୍ଷକଙ୍କୁ ପାରିଶ୍ରମିକ ଦେଇ ବିଦ୍ୟାଳୟ ଚଳାଉଛନ୍ତି। କରୋନା ମହାମାରୀ ପୂର୍ବରୁ ବିଦ୍ୟାଳୟରେ ଗେଷ୍ଟ ଟିଚରମାନଙ୍କୁ ଏଠାରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଦୁଇବର୍ଷ ହେଲା ଏପରି ବ୍ୟବସ୍ଥା ବି ବନ୍ଦ ହୋଇଯାଇଛି। ଅଭିଭାବକମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଏଣୁ ଘରୋଇ ଶିକ୍ଷକମାନଙ୍କୁ ମାସିକ ପାରିଶ୍ରମିକ ଦେବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି। କେଉଁ ମୁହୂର୍ତ୍ତରେ ବି ବିଦ୍ୟାଳୟ ବନ୍ଦ ହୋଇଯିବାର ଅଶଙ୍କା ରହିଛି। ସ୍ଥାୟୀ ସମାଧାନ ନିମନ୍ତେ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ସାମୟିକ ଭାବେ ଗେଷ୍ଟ ଟିଚର ନିଯୁକ୍ତି ଲାଗି ଦାବି କରାଯାଇଛି। ଯେଉଁ ଘରୋଇ ଶିକ୍ଷକ ଏବେ ଶିକ୍ଷାଦାନ କରୁଛନ୍ତି, ସେମାନଙ୍କୁ ଯୋଗ୍ୟତା ଭିତ୍ତିରେ ଏହି ବିଦ୍ୟାଳୟରେ ନିଯୁକ୍ତି ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଶିକ୍ଷକ ନିଯୁକ୍ତି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ସରକାରୀ ନିୟମରେ ଏବେ ଶିକ୍ଷକ ନିଯୁକ୍ତି ଦିଆଯାଇପାରିବ ନାହିଁ। ତେବେ ଯଥାସମ୍ଭବ ଗେଷ୍ଟ ଟିଚର ଯୋଗାଇ ଦିଆଯିବା ଲାଗି ବ୍ୟବସ୍ଥା କରାଯାଉଛି।



ସାହୁସାହି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ।

### କ୍ଲଷ୍ଟର ହାଉସିଂ କଲୋନୀ

## ପାଇଲଟ୍ ପ୍ରକଳ୍ପ ବାଟବଣା

ଜଳେଶ୍ୱର, ୨।୬(ଡି.ଏନ.ଏ.)

### ୬୦ ପରିବର୍ତ୍ତେ ମୁଣ୍ଡ ଗୁଞ୍ଜିଛନ୍ତି ୩ ପରିବାର



ଦୁଇବର୍ଷ ତଳେ ବାଲେଶ୍ୱର ଜିଲାର କ୍ଲଷ୍ଟର ରୁରାଲ ହାଉସିଂ କଲୋନୀ ଜଳେଶ୍ୱର ବ୍ଲକରେ ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ଅଦ୍ୟାବଧି କାର୍ଯ୍ୟ ଶେଷ ହେବାର ନାମ ଧରୁନାହିଁ। ସେଠାରେ ୬୦ପରିବାର ରହିବାକୁ ଥିବା ବେଳେ ଅଦ୍ୟାବଧି ୩ଟି ପରିବାର ଅସହାୟ ଭାବେ ବସବାସ କରୁଛନ୍ତି। ଉକ୍ତ ଘର ଓ ସଂଲଗ୍ନ ପାଇଖାନା ଗୃହଗୁଡିକରେ କବାଟ, ଝରକା ନ ଥିବା ବେଳେ ବିଦ୍ୟୁତ୍, ପିଇବା ପାଣି ବ୍ୟବସ୍ଥା ହୋଇନାହିଁ। ଅପରପକ୍ଷେ ଏସବୁ କାର୍ଯ୍ୟର ସମସ୍ତ ବିଲ୍ ପୈଠ ହୋଇସାରିଥିବା ଜଣାଯାଇଛି। ଏପରି ଏକ ଆଦର୍ଶ ପ୍ରକଳ୍ପ କାର୍ଯ୍ୟ ଶେଷ କରି ୬୦ପରିବାରକୁ ଥଇଥାନ କରିବା ସହିତ ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଛି।

୨୦୧୯-୨୦ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲାର ପାଇଲଟ ପ୍ରକଳ୍ପ ଭାବେ କ୍ଲଷ୍ଟର ରୁରାଲ ହାଉସିଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜଳେଶ୍ୱର ବ୍ଲକର ରାଜପୁର ଓ ମହମ୍ମଦନଗରପାଟଣା ଗ୍ରାମର ୬୦ଜଣ ଭୂମି ଓ ଗୃହହୀନ ପରିବାରକୁ ଥଇଥାନ କରିବା ଲାଗି ଓଳିନ୍ଦା ଗ୍ରାମରେ ଏପରି ଏକ ପ୍ରକଳ୍ପକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ହାତକୁ ନେଇଥିଲେ। ଜିଲାପାଳ ଓ ଜିଲା ପ୍ରଶାସନର ବାରମ୍ବାର ଗସ୍ତ ଫଳରେ ସେଠାରେ ୬୦ ପରିବର୍ତ୍ତେ ୫୫ଟି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ଆର୍ଥିକ ବର୍ଷ ଶେଷସୁଦ୍ଧା ଘରଗୁଡିକ ପୂର୍ଣ୍ଣାଙ୍ଗ କରି ଲୋକଙ୍କୁ ବସବାସ କରାଇବା ଲକ୍ଷ୍ୟ ଥିଲା। ହିତାଧିକାରୀ ପ୍ରତି ୨ଡିସିମିଲ ସ୍ଥାନରେ ୧ଲକ୍ଷ ୨୦ହଜାର ଟଙ୍କାର ଗୃହ, ୧୨ହଜାର ଟଙ୍କାର ପାଇଖାନା, ୧୦ହଜାର ଟଙ୍କାର ବୋନସ୍ ଓ ୧୨ହଜାର ଟଙ୍କାର ଏକ କମ୍ପୋଷ୍ଟ ଖତଗାଡି ନିର୍ମାଣ ଲାଗି ଯୋଜନା ଥିଲା। ଏହାବ୍ୟତୀତ ବିଶୁଦ୍ଧ ପାଇପ୍ ପିଇବା ପାଣି, ପୋଖରୀ, ବିଦ୍ୟୁତ୍ ଯୋଗାଣ, କଲୋନୀକୁ ରାସ୍ତା, ଆମୋଦପ୍ରମୋଦ ଲାଗି ପାର୍କ, ଆବଶ୍ୟକସ୍ଥଳେ ବିଦ୍ୟାଳୟ, ଖେଳପଡିଆ ଆଦି ବ୍ୟବସ୍ଥାର ଯୋଜନା ଥିଲା। ଏନ୍‌ଆର୍‌ଇଜିଏସ୍‌ର ଅର୍ଥ ମଧ୍ୟ ସେଠାରେ ବିନିଯୋଗ ହେବାକୁ ଥିବା ବେଳେ ଅଦ୍ୟାବଧି ପୁରୁଣା ପୋଖରୀକୁ ଖନନ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟ ଶେଷ ହୋଇନାହିଁ। ଏବେ ବିଦ୍ୟୁତ୍ ତାର ଟଣାଯାଉଥିବା ବେଳେ ପାଣି ପ୍ରକଳ୍ପ କାର୍ଯ୍ୟ କରୁ ନ ଥିବାରୁ ସେଠାରେ ରହୁଥିବା ୩ ପରିବାର ତହଳବିକଳ ହେଉଛନ୍ତି। ୨୧ନଂ. ଘରେ ରଘୁନାଥ ଟୁଡୁ, ୧୮ନଂ. ଘରେ ଅଜିତ୍ ଟୁଡୁ ଓ ୪୫ନଂ. ଘରେ ହେମଜର ମାରାଣ୍ଡି ବାସ କରୁଥିବା ବେଳେ କାହାରି ଘରେ ଝରକା, କବାଟ, ପାଇଖାନା କବାଟ ଲାଗି ନାହିଁ। ବିଦ୍ୟୁତ୍ ବ୍ୟବସ୍ଥା ନ ଥିବା ବେଳେ ପିଇବାପାଣି ସାତସପନ। ଅନ୍ୟପକ୍ଷରେ ଏସବୁ ଘରକୁ ନିଜେ ହିତାଧିକାରୀ ନିର୍ମାଣ କରିବାକୁ ଥିବା ବେଳେ ଠିକାଦାର ସମସ୍ତ ବିଲ ଧରି ଚମ୍ପଟ ମାରିଥିବା ଜଣାପଡ଼ିଛି। କେତେକ ଘରର ଛାତ ଫାଟିଥିବା ବେଳେ ଅନ୍ୟ କେତେକ ଘରେ ରଙ୍ଗ କିମ୍ବା ପ୍ଲାଷ୍ଟରିଂ ହୋଇନାହିଁ। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଅବିଳମ୍ବେ ଶେଷ କରିବାକୁ ହିତାଧିକାରୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ସେନାପତିଙ୍କୁ ପଚାରିବାରୁ ବିଗତ ଦିନରେ ସ୍ଥାନୀୟ ନେତୃବୃନ୍ଦ ଦୃଷ୍ଟି ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ତାଙ୍କ କାର୍ଯ୍ୟକାଳ ସମୟରେ ଏହା ହୋଇ ନ ଥିବାରୁ ଏ ସମ୍ପର୍କରେ ଆଗରୁ ଜାଣି ନାହାନ୍ତି। ଶୁକ୍ରବାର ସେଠାକୁ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

